ସାହିତ୍ୟ ଆସର
ସପ୍ତମ ଋତୁ ପଞ୍ଚମ ସ୍ୱର

ଆଲୋକିତ ହେଉ ସାହିତ୍ୟ ଜଗତ

ଆମ ସାହିତ୍ୟ ଜଗତରେ ଆଲୋକର ଖୁବ୍ ଅଭାବ ଏବେ । ପରିବେଶ ଧୂଆଁଳିଆ । ଯୋଗ୍ୟତାର ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବ । ସରସା ସର୍ଜନାର ବାଟ ଓଗାଳିବାରେ ବ୍ୟସ୍ତ ବାଟ ଦେଖାଇବାର ଦାୟିତ୍ୱରେ ଥିବା ମଣିଷମାନେ । ଆଲୋକର ଆଢୁଆଳରେ ସାଧନାରତ ସାଧକ । ସାହିତ୍ୟ ଜଗତରୁ ଏ ଅମା ଦୂର ହେଉ । ଆଲୋକିତ ହେଉ ସର୍ଜନାର କ୍ଷେତ୍ର । ସାହିତ୍ୟ ସାଧକମାନେ ସମସ୍ତଙ୍କ ନଜରରେ ପଡ଼ନ୍ତୁ। ବଡ଼ବଡୁଆ ହୋ! ଅମୃତ ଦୃଷ୍ଟିରେ ଚାହିଁଥା' ପାଠକମାନଙ୍କୁ ।



ଜବେଇ

● ରଜନୀକାନ୍ତ ମହାନ୍ତି

କାଲୁ ଦୌଡ଼ୁଚି । ପାଏଁ ପାଏଁ । ଆଗାପିଛା ବାଁ ଡାହାଣ ନ ମାନି ମାନି ଦୌଡ଼ୁଚି କାଲୁ । ମୋତେ ଖାଇଗଲା, ମୋତେ ଖାଇଗଲା ଚିତ୍କାର କରି ଦୌଡ଼ୁଚି । ସହରର ବଡ଼ରାସ୍ତା ଉପରେ ସେ ପ୍ରାଣମୂର୍ଚ୍ଛା ଦୌଡ଼ି ଚାଲିଛି । ଯିବା ଆସିବା ଲୋକେ ଥ' ହେଇ ତାକୁ ଅନେଇଛନ୍ତି । କାଲୁ ଦୌଡ଼ୁଚି । ମରିଗଲି, ମରିଗଲି, ମୋତେ ଖାଇଗଲା, ଖାଇଗଲା କୁହାନାଳରେ ସେ ହାଁ ପାଁ ଦୌଡ଼ୁଚି । କୋଡ଼ିଏ ବର୍ଷର ଆଚ୍ଛା ଏକ ଭେଣ୍ଡିଆ କାଲୁ ଦୌଡ଼ୁଚି । ପଛେ ପଛେ 'ରହରହ କାଲୁ ରହରହ' ଡାକି ଡାକି ଖଣ୍ଡେଦୂର ଛଡ଼ାରେ ଧାଉଁଛି ତା' ବୁଢ଼ାବାପ ମାଗୁ । ରାସ୍ତାକଡ଼ ଦେଖଣାହାରୀମାନେ ବାପ ପୁଅଙ୍କର ଏ ଅଦ୍ଭୁତ ଧାଉଁଡ଼ାରେ ଘଟଣା କ'ଣର ପ୍ରଶ୍ନବାଚୀଠିଁ ନଟକିଛନ୍ତି ।

ବଡ଼ବଜାର ଛକରେ ମାଗୁର ମାଂସ ଗୁମୁଟି । ପ୍ରତିଦିନ ସକାଳୁ ମାଗୁ ଛୁରୀ, କତା, ପାଛିଆ, ଖଲିପତ୍ର, କଦଳୀପତ୍ର ଧରି ଆଗେ ଆଗେ ଚାଲେ । ପଛେ ପଛେ କାଲୁ ଗଣ୍ଡେ, ଛଅଟା ଖାସିଙ୍କୁ ଗୋଟେ ଦାଉଣିରେ ବାନ୍ଧି ଟାଣି ଟାଣି । ଛେଳିମାନଙ୍କର ମେଁ ମେଁ ରଡ଼ିରେ ସାରା ରାସ୍ତା କାନ୍ଦ କାନ୍ଦ ହେଇଆସିଲା ବେଳକୁ କାଲୁର ଆଖି ହା' ହା' କରିଉଠେ । ଛାତି ଭିତରଟା ତାର ଓଦା ହେଇଯାଏ । ଛୁଆଟି ଦିନରୁ କାଲୁ ତା ବାପ ସହ ଏଇ ମାଂସ ବେଉସାରେ ନିୟୋଜିତ ହେଇଆସିଥିଲେ ସୁଦ୍ଧା ଛେଳିଗୁଡ଼ାଙ୍କୁ କିଣିଆଣିବାଠାରୁ ସେମାନଙ୍କର ମେଁ ମେଁ ରଡ଼ିରେ ପୃଥିବୀଟା ଫାଶୀ ପାଇଲାଭଳି ତାକୁ ଅନୁଭବ ହୁଏ । ଛେଳିମାନଙ୍କୁ କାଲୁ ଆଣି ବାନ୍ଧିଦିଏ ଗୁମୁଟି ପାଖ ଗୋଟେ ବାଉଁଶଖୁଣ୍ଟରେ ଏବଂ ବରଡାଳ କିଛି ଭାଙ୍ଗିଆଣି ସେମାନଙ୍କ ମୁହଁ ପାଖରେ ଦିଏ । ଆଉ କେତୋଟି ମୁହୂର୍ତ୍ତ ଭିତରେ ଘଟେ ସେହି ପ୍ରତୀକ୍ଷିତ ନୃଶଂସତାର କାଣ୍ଡକାରଖାନା। ଏକଥା କ'ଣ ସେମାନେ ଜାଣନ୍ତି? କେତେକ ମନ୍ତବ୍ୟ କରିବାର କାଲୁ ଶୁଣିଛି ଯେ ମଣିଷର ମାଂସ ଲୋଲୁପତା ଏବଂ ନୃଶଂସତାର ସାମାଜିକ ଭାରସାମ୍ୟ ପାଇଁ ଛାଗଳ ସନ୍ନ୍ୟାସୀର ଜନ୍ମ। ନୃଶଂସତାରୁ ମଣିଷ ଜାତିକୁ ରକ୍ଷା କରିବା ପାଇଁ ଜଣେ ଋଷି ମା' କାଳୀଙ୍କ ଆଦେଶରେ ବାରମ୍ବାର ଛାଗଳ ରୂପ ହେଇ ଜନ୍ମ ହୁଏ ଏବଂ ହଣାଖାଇ ସାରା ସମାଜକୁ ଅପରାଧବୋଧରୁ ରକ୍ଷା କରେ । ପୃଥିବୀରେ ମଣିଷର ଏଇ ନୃଶଂସ ବ୍ୟଭିଚାରକୁ ଘଣ୍ଟ ଘୋଡ଼ାଇବା ପାଇଁ ଏମିତି କେତେ ନା କେତେ ଧାର୍ମିକ, ଆଧ୍ୟାତ୍ମିକ ଛଳନାର ପୁଟ, ସାମାଜିକ ସାଲିସ୍ ମଣିଷ ତିଆରି କରି ରଖିଚି। ହାଏ, ଏମିତିକି ମଣିଷ ଯାହାକୁ ଶିକାର କରିବ, ତାକୁ ପଶୁ ବୋଲି, ଏକ କ୍ରୁର ଚେତନାର ପ୍ରତୀକ କରି ରଖିଚି । ଏଭଳି ବହୁ ଯୁକ୍ତି କାଲୁ ତା' ଦୋକାନକୁ ଆସୁଥିବା କେତେକ ଲୋକଙ୍କ ମୁହଁରୁ ଶୁଣିଛି ଏବଂ ଆଶ୍ଚର୍ଯ୍ୟ ହେଇଚି ମଣିଷର ଏ ବ୍ୟବହାରକୁ ଅନୁଭବ କରି । ମୁଁ ମାଂସପ୍ରିୟ, ସେଥିପାଇଁ ମୁଁ ତାକୁ ହତ୍ୟା କରୁଛି, ଏଇ ସିଧା ସରଳ ବାକ୍ୟଟି ମଣିଷ କାହିଁକି ଉଚ୍ଚାରଣ କରିପାରେ ନାହିଁ, ତାକୁ ଆଶ୍ଚର୍ଯ୍ୟ ଲାଗେ! କେତେକ ଗ୍ରାହକଙ୍କଠାରୁ କାଲୁ ଯାବି ଶୁଣିଛି: ଛେଳି ଯେ ମାରେ ସେ ପୁଣ୍ୟ ଅର୍ଜେ । ଛେଳିକୁ ମାରିବାରୁ ଛେଳିର ସବୁ ପାପ ମାରିବା ଲୋକ ଉପରକୁ ଆସିଯାଏ । ଜଣକୁ ପାପମୁକ୍ତ କରିବାର ପୁଣ୍ୟ କୁଆଡ଼େ ହନ୍ତାରୀ ଲାଭ କରେ । ଆଉ କାହାଠାରୁ ବି ସେ ଶୁଣେ : ଯେ ଯାବତ୍ କେହିଜଣେ ହନ୍ତାରୀକୁ 'ନେଇଯା ଛେଳି, କାମ ସାରିଦେ' ବୋଲି ନ କହିଚି ସେ ଯାବତ୍ କୁଆଡ଼େ ଜବେଇ କରୁଥିବା ହନ୍ତାରୀ ଛେଳିକୁ ମାରେ ନାହିଁ। ତାଦ୍ୱାରା ହନ୍ତାରୀକୁ ପାପ ଲାଗେନି ।

ଆଜି ସକାଳୁ କାଲୁ ଦି'ଟା ଖାସି ଧରି ଦୋକାନକୁ ଯାଇଥିଲା । ଏକପ୍ରକାର ଟାଣି ଟାଣି ନବାକୁ ହେଇଥିଲା । ଗୁମୁଟି ପାଖ ଖୁଣ୍ଟରେ ବାନ୍ଧି ଚୁପ୍‌ଚାପ୍ ବସି ସେ ଖାସି ଦିଟାଙ୍କ ଆଖିକୁ ନିରେଖୁଥିଲା । ସେ ଦୁହିଁଙ୍କ ଆଖି ଆଗରେ ମୃତ୍ୟୁ ନଥିଲା, ଥିଲା ଘାତକର ପୈଶାଚିକ ଛୁରୀ । କାଲୁ ଆଖି ବୁଜି ଦେଇଥିଲା। ମାଂସ ଗ୍ରାହକମାନେ ଆସି ପହଞ୍ଚି ସାରିଥିଲେ । ଜଣେ ଗ୍ରାହକ କହିଥିଲା: ବାଃ, ଆଜି ତ ବଢ଼ିଆ ଖାସି ଦି'ଟା ପାଇଛୁରେ କାଲୁ । ଦି'ଟାଙ୍କର ଚମକ୍ ଅଛି । ରୋଗା ନୁହନ୍ତି । ମାଗୁ କୁଆଡ଼େ ଗଲା? ଆଜି ଏତେ ଡେରି? ହାତରେ ଛୁରୀ, ପତର ଧରି ପହଞ୍ଚିଥିଲା ମାଗୁ । କାଲୁକୁ କହିଲା: ନେଇଯା ବଡ଼ଟାକୁ, ଜବେଇ କରି ଆଣ୍ । କାଲୁ କିଛି ବୁଝିପାରିଲାନି । ସେ ଚୁପ୍‌ଚାପ୍ ବସିଲା । ମାଗୁ ରାଗି ଉଠିଲା: କିବେ, ବସିଛୁ କ'ଣ? ନେଇଯା ବଡ଼ଟାକୁ, ଆଜିଠୁଁ ଏ କାମ ତୁ କର୍ ! ଅଠର ଉଣେଇଶ ବର୍ଷର ହେଲୁ, ଆଉ କେବେଠୁଁ ଶିଖିବୁ? ଯା' ଜଲ୍‌ଦି ।

କାଲୁର ଆଖି ଡିମା ଡିମା ହେଇଗଲା । ସେ କ'ଣ ଜାଣିଥିଲା ମାଗୁଭଳି ତାକୁ ବି ଛେଳି ଜବେଇ କାମ କରିବାକୁ ପଡ଼ିବ ବୋଲି । ଜବେଇ ପରେ ସେ ଛାଲ ଉତାରିଛି । ଫଡ଼ିଆ ହାଣିଛି । କଲିଜା ଟିକି ଟିକି କରିଛି । ଓଜନ କରି ଗରାଖଙ୍କୁ ଦେଇଛି । କିନ୍ତୁ କେବେ ଜବେଇ କରିନି । ଜବେଇ କାମ କରିବା କଥା ଶୁଣି ତାକୁ ହାଣମୁହଁକୁ ଗଲାଭଳି ଲାଗିଲା । ସେ କିଛି କହିଲାନି । ଚୁପ୍‌ଚାପ୍ ବସିଲା । ଜଣେ ବୁଢ଼ା ଗରାଖ କହିଲା: ଆରେ, ତୋଅର ଏ ବଅସ ବେଳକୁ ମାଗୁକୁ ହର୍‌ଦିନ ସାତ ଆଠ ଛେଳି ଜବେଇ କରିବାକୁ ଡାକରା! ଯା', ବୁଢ଼ାଟା ଆଉ କ'ଣ ପାରୁଚି ।

ତଥାପି କାଲୁ ଉଠିଲାନି । ଆଜି ଯଦି ସେ ଛେଳି କାଟିବା ଆରମ୍ଭ କରିବ, ତା'ହେଲେ ଆଜୀବନ ସେ ଛେଳି କଟାଳି, ହନ୍ତାରୀ ହେଇଯିବ! ଏଭଳି ଏକ ଜୀବନକୁ କାଲୁ ପସନ୍ଦ କରିନାହିଁ । କାଲୁର ଏ ନୀରବ ନୀରବ ଭାବ ଦେଖି ମାଗୁ କାଲୁ ଉପରେ ବିରକ୍ତ ହେଲା: ଯାଉଛୁନା ବେ, ଏ ବୁଢ଼ାଟା ଉପରେ ଆଉ କେତେଦିନ ସବାର ହେଇ ବଞ୍ଚିବ! ଆଠବର୍ଷରୁ ଅଠର, ଦଶବର୍ଷ ଏ ଧନ୍ଦାରେ ରହିଲୁ, ଆହୁରି ସାହସ ଆସୁନି ତୋର ! ଛେଳି ହାଣିବାକୁ ପାପ ମଣୁଚୁ କି ? ଲୋକେ ମାଛ ଖାଉନଥିଲେ କେଉଟ ନଥାନ୍ତେ । ଆମେ ଯଦି ଛେଳି ନକାଟିବା ସବୁ ପରିବାର, ସବୁଘରୁ ଜଣେ ଜଣେ ଛେଳି କଟାଳି ବାହାରିବେ । ବୁଝିଲୁ?

ବୁଢ଼ାମାଗୁ ଏତକ କହି ଗମ୍ଭୀର ହେଇ ବସିଲା । ଗରାଖମାନଙ୍କର ଆଖିସବୁ ଟାକି ରହିଲା । ଗୋଟେ ଦୃଢ଼ଶ୍ୱାସ ନେଲା କାଲୁ । ଛୁରୀଟା ଧରି ଉଠିଲା । ତେଜିୟାନ୍ ଖାସିଟାକୁ ଧରି ଗୁମୁଟି ପଛପଟ ଜବେଇ ଘରକୁ ପଶିଲା । ଧକ୍ ଧକ୍ ହେଉଥିବା ଛାତିକୁ ଦୃଢ଼କଲା। ଖାସିର ଚାରି ଆଡ଼କୁ ଦଉଡ଼ିରେ ବାନ୍ଧି ପକାଇଦେଲା ।

ଖାସିଟା ମେଁ ମେଁ କଲାରୁ କାଲୁର ଆଖି କଅଁଳେଇଗଲା । ଦୃଢ଼ ଛାତିଟା ପୁଣି କାଦୁଆମାଟି ଭଳି ନରମ ହେଇଗଲା । ସେ ଖାସିର ବେକକୁ ଧରି ଛୁରୀଟା ତଣ୍ଟି ପାଖରେ ଲଗାଇଲା। ସିନା କିନ୍ତୁ କାଟି ପାରିଲାନି, ଆଘାତ କରିପାରିଲାନି । ସେ ବିସ୍ମିତ ହେଲା। ନା, ସରଳ ହୃଦୟବାନ୍ ମୁହୂର୍ତ୍ତରେ କେହି ଛେଳି କାଟିବା ତ ଦୂରର କଥା, ତାକୁ ଆଘାତ କରିହେବନି । ପୃଥିବୀରେ ଦିନକୁ ଲକ୍ଷ ଲକ୍ଷ ଛେଳି ଗୋରୁ, କୁକୁଡ଼ା ସମେତ ଯେଉଁ ଜୀବମାନେ ହାଣରେ ଯାଉଛନ୍ତି, ସେଥିପାଇଁ ମଣିଷ ପୃଥିବୀରେ କେତେ କୋଟି ନିଷ୍ଠୁର ମୁହୂର୍ତ୍ତ ସୃଷ୍ଟି ନ କରୁଛି ସତେ! କେତେ ନୃଶଂସ ଅନୁଭୂତି ଦେଇ ସେ ଗତି ନ କରୁଛି ସତେ !

ଖାସିଟି ସେମିତି ମେଁ ମେଁ ରଡ଼ି ଛାଡୁଥିଲା । ଥଥମମ ଅବସ୍ଥାରେ ଛୁରୀଟା ଧରି ବସିରହିଲା କାଲୁ । ଏ ପାଖରୁ ଶୁଭିଥିଲା ବାପ ମାଗୁର ଟାଁ ଟାଁ କଥା: କାଲୁ! ଜବେଇ କରୁଛୁ ନା ଖାସିଟାକୁ ଗେହ୍ଲା କରି ଆଉଁଶୁଛୁ ବେ । ଛାତି ଟାଣ କର, ଆଖି ଟାଣ କର, ହାତମୁଠା ଟାଣ କର, ଠିକ୍ ହେଇଯିବ।

କାଲୁ ଏଥର ଦମ୍ଭ ନେଲା । କିନ୍ତୁ ଯେଯାବତ୍ ହୃଦୟ ଭିତରେ ନୃଶଂସତା ନ ଖେଳିଚି, ଦାନ୍ତ ଚିପିଦେଲେ, ମୁଠାଟାଣ କଲେ କ'ଣ ଜବେଇ କରିପାରିବ? ଯେ କ'ଣ ପରିବାକଟା ହେଇଛି ନା କ'ଣ ଯେ ଖୁସି ଗପ ହେଉଁ ହେଉଁ ବି ଛୁରୀରେ ଲାଉ, କଖାରୁକୁ କାଟିଦବ? ଛେଳି ପ୍ରତି ଘୃଣା, ଛେଳି ପ୍ରତି ରାଗ, ଛେଳି ପ୍ରତି ହିଂସା ନ ହେଲେ ସେ ଛୁରୀ ମାରିବ କେମିତି ? ମନ ଭିତରେ ଛେଳି ଗୋଟେ ଜଡ଼ବସ୍ତୁ ବା ପରିବା ଭଳି ଅବସ୍ଥାପିତ ନ ହେଲେ ସହଜରେ ତାକୁ କାଟିପାରିବ କି? ମାଗୁ ପୁଣି ଚିତ୍କାର କଲାରୁ କାଲୁ ନିଜକୁ ଦୃଢ଼ କଲା। ଆଖି ହେଲା ପିଶାଚ, ଦାନ୍ତ ଚିପି ହେଇଆସିଲା, ମୁହଁ ହିଂସ୍ର ହେଇଉଠିଲା, ହାତମୁଠା ନୃଶଂସ ହେଇଉଠିଲା । ତା'ର ଚତୁର୍ଦ୍ଦିଗରେ ଆଉ କିଛି ଦେଖାହେଲାନାହିଁ । ସେ ଖାସିର ବେକକୁ ଧରି ତାର ମେଁ ମେଁ ଶବ୍ଦକୁ ଭେଦି ଯେମିତି ଛୁରୀଟାକୁ ତ ବେକରେ ଥରେ ଚଲେଇ ଦେଇଛି ପିଚ୍ ପିଚ୍ ରକ୍ତ ସହ ଏକ ପ୍ରାଣସ୍ପର୍ଶୀ ଲମ୍ବା ମେଁ ଏଁ ଏଁ ରଡ଼ି ବାହାରି ଆସିଲା ଖାସି କଣ୍ଠରୁ ଏବଂ ସେଇ କରୁଣ ଶବ୍ଦରେ କାଲୁ ଖାସିର ତଣ୍ଟିଟାକୁ ଛାଡ଼ିଦେଲା। ଖାସିର ତଣ୍ଟିରୁ ପିଚ୍ ପିଚ୍ ରକ୍ତ, ମେଁ ମେଁ ରଡ଼ିର ତୀବ୍ରତାରେ କାଲୁର ଆଖି ଡିମା ଡିମା ହେଇଗଲା। ସେ ଭାରି ଭୟ ପାଇଗଲା । ତାକୁ ଅନୁଭବ ହେଲା ଯେମିତି ସେଇ ଛେଳିଟା ପ୍ରତିଶୋଧ ନେବାପାଇଁ ସେଇ ରକ୍ତସ୍ରାବୀ ବେକ ସହ କାଲୁକୁ କାମୁଡ଼ିବାକୁ ଆଗେଇ ଆସୁଛି । ସେଠୁ, ମୋତେ ଖାଇଗଲା ମୋତେ ଖାଇଗଲାର ରଡ଼ି ଛାଡ଼ି ଧାଇଁଛି କାଲୁ ।

ଦୌଡ଼ୁଚି କାଲୁ । ପାଏଁ ପାଏଁ । ତା' ପଛେ ପଛେ ମାଗୁ ରହ କାଲୁ, ସବୁର୍ କର କହି ଧାଉଁଛି ।

ବଡ଼ବଜାର ଡେଇଁଲା ପରେ ସେଆଡୁ ଜଣେ ବେପାରୀ କୋଡ଼ିଏ ପଚିଶଟା ଛେଳି ଧରି ଆସୁଥିଲା। କାଲୁକୁ କିନ୍ତୁ ଅନୁଭବ ହେଲା ଶହଶହ ଛେଳି ସବୁ ତା' ବିରୋଧରେ ଏକାଠି ହେଇ ତା' ଆଡ଼କୁ ମେଁ ମେଁ କରି ଆଗେଇ ଆସୁଛନ୍ତି । କାଲୁ ସେଇଠି ଛିଡ଼ା ହେଇପଡ଼ିଲା । ଅସହାୟ, ଭୟଙ୍କର ଭୟଭୀତ ହେଇପଡ଼ି । ଛେଳିମାନେ ନିକଟତର ହେଲାରୁ କାଲୁ ଅନୁଭବ କଲା ଛେଳିମାନେ ମେଁ ମେଁ କରି ତା' ଉପରକୁ ଯେମିତି ଆକ୍ରମଣ କରିବାକୁ ଉଦ୍ୟତ । ତା' ମୁଣ୍ଡ ବୁଲେଇଦେଲା ଏବଂ ସେ ସେଇଠି ଚେତାଶୂନ୍ୟ ହେଇପଡ଼ିଲା ।

ଚେତା ପଶିଲା ବେଳକୁ କାଲୁ ଦେଖିଲା ସେ ତା'ର ମାଂସ ଗୁମୁଟି ସାମ୍ନାରେ ଶୋଇଛି । ପାଖରେ ମାଗୁ ବସି ତା ମୁହଁରେ ପାଣି ଛାଟୁଛି ଏବଂ ତାକୁ ଘେରି ବହୁ ଲୋକ ଛିଡ଼ା ହେଇଛନ୍ତି। ମାଗୁର ମୁହଁ ଗମ୍ଭୀର ହେଇଆସିଲା।

ଏ କାମରେ ପହିଲୁ ଥର ଯଦି ଡରିଗଲୁ, ଫେଲ୍ ମାରିଗଲୁ, ତା'ହେଲେ ସାରା ଜୀବନ ଫେଲ୍ ମାରିଗଲୁ ବୋଲି ଜାଣିଥା।'' କହିଲା ମାଗୁ ।

ସେତେବେଳକୁ ରକ୍ତସ୍ରାବ ହେଇ ଖାସିଟା ମରିସାରିଥାଏ। ମାଗୁ ସେଇ ମଲା ଖାସିଟାକୁ କାଲୁ ପାଖରେ ଥୋଇଦେଇ ପଚାରିଲା: ଏଇ ଛେଳିଟା ତୋତେ ଖାଇଯାଉଥିଲା ନା?

ହୁଁ, ଛୋଟିଆ ଉତ୍ତର ଦେଲା କାଲୁ । ମାଗୁ ସେଇ ପୂର୍ବ ଛୁରୀଟାକୁ କାଲୁ ହାତରେ ଧରାଇ ଦେଇ କହିଲା: ତା'ହେଲେ ଏଇଟାକୁ ଖତମ୍ କର। ଶୀଘ୍ର ।

: ଯୋଉ କାମ ପାଇଁ ଏବେ ଏବେ ଭୟ ପାଇ ମୂର୍ଚ୍ଛା ହେଇଯାଇଥିଲା, ଥାଉ ମାଗୁ, ସେ କାମ ସେ ପରେ କରିବ । ଏ କଥା ଜଣେ ମାଂସକିଣାଳି କହିଲାରୁ ମାଗୁ ଉତ୍ତର କଲା: ଏବେ ଏବେ ତାର ଯଦି ଭୟ ନ ଛାଡ଼େ, ତାହେଲେ ସେ ଭୟ ଆହୁରି ବଢ଼ିଯିବ ଆଜ୍ଞା, ଛେଳି ଜବେଇ କରିବା ଆଳୁ କାଟିବା ନୁହେଁ ।

ଯା କହି ମାଗୁ କାଲୁକୁ କମ୍ପିଲା କଣ୍ଠରେ କହିଲା: ଶୀଘ୍ର ତା' ବେକକୁ ଦି'ଖଣ୍ଡ କର । ଜଲ୍‌ଦି ।

କାଲୁ ବାଁ ହାତରେ ସେଇ ମଲା ଖାସିଟାର ବେକକୁ ଧରିଲା । ଡାହାଣ ହାତର ଛୁରୀଟାକୁ ବେକରେ ଲଗାଇଲା । ତା' ହାତ ଥରିଲା। ନା, କାଟିବାର ଦୃଢ଼ତା ମନକୁ ଆସୁନାହିଁ । ସେ ଆଖି ବୁଜିଲା । ଦାନ୍ତ ଚିପିଲା । ମନକୁ ମନ କହିହେଲା: ତୋତେ ମୁଁ ବ୍ୟବସାୟ କରିବାକୁ ଆଣିଛି । ପାଳିବାକୁ, ଗେହ୍ଲା କରିବାକୁ, ଆଉଁଶିବାକୁ ଆଣିନାହିଁ। ତୁ ମୋର ସାଙ୍ଗ ନୁହେଁ । ବନ୍ଧୁ ନୁହେଁ । ତୁ ମୋର ଶିକାର ।

ଏଭଳି ମନୋଭାବ ତା' ଛାତିରେ ତୀବ୍ର ହେଇଆସିଲା ବେଳକୁ ତା' ହାତମୁଠାର ଛୁରୀ ଛେଳି ବେକର ଏପାଖରୁ ପଶି ଆର ପାଖରେ ବାହାରି ଆସି ସାରିଥିଲା ।

ମାଗୁ ଖୁସିରେ କାଲୁର ପିଠି ଥାପୁଡ଼ାଇ କହିଥିଲା : ସାବାସ୍, ସାବାସ୍ ।

ଆଖି ଖୋଲିଲା ବେଳକୁ କାଲୁ ସାମ୍ନାରେ ଛେଳିର ବେକ ଦି'ଗଡ଼୍ ହେଇ ପଡ଼ିଥିଲା । ସେ ଭାବିନେଲା: ଛେଳି ଜବେଇଟା ଏତେ କଷ୍ଟ ନୁହେଁ ତ । ଛାତି ଟାଣ୍, ମୁଠା ଟାଣ୍, ଆଖି ଟାଣ୍, ଦାନ୍ତ ଟାଣ୍ କରି ମାଂସ ବେପାରୀ ବୋଲି ଭାବି ନେଲେ ହେଲା!

ବିଜୁ ପଟ୍ଟନାୟକ ନଗର
ଗେଲପୁର, ଭଦ୍ରକ
ମୋ. ୯୮୬୧୩୨୧୨୩୭

ଦୁଇଟି ସନେଟ୍

● ଗିରିଜାକୁମାର ବଳୀୟାରସିଂହ

ଭସାମେଘ

ଛୋଟ ଷ୍ଟେସନ୍‌କୁ ଛାଡ଼ିଚାଲିଗଲେ ଶେଷରାତ୍ରିର ଟ୍ରେନ୍
ହଠାତ୍ କାହିଁକି ଲିଭେ ଅତୀତର ହାୟ ଯେତେ ହାରିକେନ୍ ?
ଅଧା ସେ ଅତୀତ ତମରି ବ୍ୟତୀତ ଭସାମେଘକୁ ବି ଜଣା
କିଏ ଯିବା ପରେ ନଫେରେ ସବୁ ତା ଅଂଗୁଳି ଅଗେ ଗଣା ।

ଛୋଟ ଷ୍ଟେସନ୍‌କୁ ଛାଡ଼ିଚାଲିଯାଏ ଶେଷରାତ୍ରିର ଟ୍ରେନ୍
ନୂଆ ଠିକଣାଟେ ଛାଡ଼େ ଯେଉଁପରି ପୁରୁଣା ଛୋଟିଆ ଲେନ୍ ।
ଅଧା ଅତୀତର ଅଂଧାରଆଡ଼େ କେଉଁ ତାରା କୁଆଁତାରା
ଅଛି ଆଜି ତାକୁ ଭସାମେଘ ତଳେ ଚିହ୍ନିବାର କି ଚାରା ?

ଛୋଟ ଷ୍ଟେସନ୍‌କୁ ଛାଡ଼ିଚାଲିଗଲା ଶେଷରାତ୍ରିର ଟ୍ରେନ୍
ଥିଲା ଚଢ଼ିବାର ଟ୍ରେନ୍ ନା ତମର ଥିଲା ଟାଣିବାର ଚେନ୍ ?
ଅଥଚ କାହିଁକି ରୋଜ୍ ଆସି ଏଠି ବୁଲ ବିତୁ ପଛେ ବାର୍ ?
ହେ ନଯିବାଲୋକ, ନୁହେଁ ଏ ଭିତରେ ବର୍ଷଗୁଡ଼େ କି ପାର୍ ?

ଶେଷଟ୍ରେନ୍‌ର ସେ ଯାତ୍ରିଣୀ ଥିଲା – ତମ ଦିଜଣରୁ ଜଣେ
ଏବେ ଯାହାକୁ ଏ ଭସାମେଘ ନିଜ ନିଖୋଜ୍ ନଥିରେ ଗଣେ ।

ଦେହ ଭଲ ମନ ଖରାପ୍

ଦେହଖରାପ୍‌ର ଖବର ଦେଉଚ ଦୁନିଆକୁ ଡାକିହାକି
ମନଖରାପ୍‌ର ଖତିଆନ୍‌ଟାରେ ମାସମାସ ଖାଲି ବାକି ।
ଦେହ ଓ ମନର ମଝିପାଚେରିରୁ ଦରମରା ଦୂବ ଉଠେ
ମଉଳେ ମାମୁଲି ମାଟିକୁଂଡରେ ମଧୁମାଳତୀରୁ ମୁଠେ ।

ଦେହ ଭଲ ନାଇଁ ମନ ଭଲ ଅଛି ମାନେଟା ଦୁରୂହ କିଛି
ଦୂରୁ କେ ତାଗିଦା ସୁରୁ କଲେ ସିଧା – 'ତମର ମୁଁ ନୁହଁ କିଛି ?'
ଦେହଖରାପ୍‌ର ଦିନ କି ଦାରୁଣ ମାଟି କରେ ମନକୁ ଇ
ନଥିଲେ ପାଖରେ ପାଉଁରୁଟି ପରି ନରମ ପାପୁଲିଦୁଇ ।

ମନ ଭଲ ନାଇଁ ଦେହ ଭଲ ଅଛି – ନାଇଁ ବାବା ରକ୍ଷଣ
ଲୁଚାଛପା ଗୋଟେ ଲଘୁଚାପର ଏ ଲାଗୁଚି ତ ଲକ୍ଷଣ !
ରୋଗଶଯ୍ୟାର ଋତୁ କି ରୁକ୍ଷ ରାଗରେ ଛିଡ଼ାଏ ତୁଟି
ନିୟମିତତାରୁ ନହୁଲୀ ନର୍ସ୍ ନିମିଷେ ବି ନେଲେ ଛୁଟି ।

ତମେ ଫେରିଆସ । ଶୈଳନିବାସ ? ସେଇ ସାମୟିକ ସାଥୀ
ରେଲଝର୍କାର ରେଲିଂ ସେପଟେ ରହିଯାଏ ଓଦାରାତି ।

କଲ୍ୟାଣୀନଗର, କଟକ-୭୫୩୦୧୩, ଓଡ଼ିଶା
ଭ୍ରାମ୍ୟଭାଷ : ୮୨୬୦୦୦୪୩୯୨

ନିର୍ବାଚନ ପ୍ରଚାର

■ ମୃଣାଳ

'ଅମକ ବାବୁ ଜିନ୍ଦାବାଦ୍- ଜିନ୍ଦାବାଦ୍, ଜିନ୍ଦାବାଦ୍' ନାରାର ଫୁଆରା ଛୁଟାଇ, 'ଭୋଟ ଦିଅରେ ଭୋଟ ଦିଅ- ଅମକ ଚିହ୍ନରେ ଭୋଟ ଦିଅ'- ଗୀତର ଲହରୀ ମେଲାଇ, ପ୍ରବଳ ନାଲି ଧୂଳି ଆଉ ଶୁଖିଲା ପତ୍ର ଉଡ଼େଇ ପ୍ରଚାର ଗାଡ଼ିଟି ଯେତେବେଳେ ଭରତପୁର ଗାଁ ଭିତରକୁ ପଶିଆସିଲା, ସନାତନ ବୁଢ଼ା ତା ବୁଢ଼ୀକୁ କହିଲା, କେତେ ଶୀଘ୍ର ସମୟ ବିତିଯାଏ ଦେଖ, ଫେର ଭୋଟ ଆସିଗଲା ।

ପ୍ରଚାର ଗାଡ଼ିଟି ଗାଁ ଦାଣ୍ଡରେ ଅଟକିଲାମାତ୍ରେ ପନ୍ଦରରୁ ୩୫ ବର୍ଷର କିଛି ଟୋକା ସେଥିରୁ ଖପ୍‌ଖାପ୍ ତଳକୁ ଡେଇଁ ପଡ଼ିଲେ । ସେମାନଙ୍କ ମୁଣ୍ଡରେ ଓ ହାତରେ ଦଳର ପତାକା ରଙ୍ଗର କନାମାନ ପଗଡ଼ି ଓ ବାଜୁବନ୍ଧ ଠାଣିରେ ବନ୍ଧା ହୋଇଛି । ସେମାନଙ୍କ ଭିତରୁ କେତେକେ ମାଇକ୍ରୋଫୋନ୍‌ର ବେକଟିକୁ ଭିଡ଼ିଆଣି- 'ଅମକବାବୁ ତୁମ ଆଗେ ବଢ଼ୋ, ହାମ୍ ତୁମାରେ ପିଛେ ହ୍ୟାୟ' 'ଜିତିବରେ ଜିତିବ ଅମକ ଚିହ୍ନ ଜିତିବ' ଜାତୀୟ ନାରାରେ ଗାଁ ଦାଣ୍ଡ କମ୍ପେଇଦେଲେ । ସେମାନେ ଏ ପ୍ରକାର ଶବ୍ଦ କଲେ ଯେ ଗାଁର ପୋଷା କୁକୁର ଦମ୍ପତି କାଲୁ ଓ ନାଲି ସେଠୁ ଦୂରକୁ ପଳେଇଯିବା ଉଚିତ ମନେ କଲେ । ଟୋକାମାନଙ୍କ ନାରା ଶୁଣି ଗାଁର କିଛି ଲୋକ ଓ ଗଛବାଗୁଡ଼ି ଖେଳୁଥିବା ଛୋଟ ପିଲାମାନେ ସେମାନଙ୍କ ପାଖରେ ଭିଡ଼ କଲେ । ଝିଅବୋହୂମାନେ କବାଟ ଆଢୁଆଳରୁ ନାରା ଦଉଥିବା ଟୋକାମାନଙ୍କୁ ଦେଖି ନିଜ ନିଜ ଭିତରେ ହସାହସି ହେଲେ । ଟୋକାମାନଙ୍କ ଭିତରୁ କେତେକେ ସେମାନଙ୍କ ଚାରିପଟେ ଭିଡ଼ ଜମେଇଥିବା ଲୋକ ଓ ପିଲାମାନଙ୍କ ହାତରେ ଗୋଟିଏ ଗୋଟିଏ ଲିଫ୍‌ଲେଟ୍ ଧରେଇ ଦେଲେ । ଯଦିଚ ସେମାନଙ୍କ ଭିତରୁ ଅଧିକାଂଶ ଲେଖିପଢ଼ି ଜାଣି ନଥିଲେ ତଥାପି ସେମାନେ ଲିଫଲେଟ୍‌ଗୁଡ଼ିକୁ ନେଲେ ଓ ଚଉତେଇ ପକେଟରେ, ଗାଞ୍ଜିଆରେ ପୂରାଇ ଦେଲେ । ଟୋକାମାନଙ୍କ ଭିତରୁ ଜଣେ ସମବେତ ଲୋକମାନଙ୍କୁ କହିଲା, ଆମର ପ୍ରିୟ ପ୍ରାର୍ଥୀ ଅମକବାବୁ ଖାସ୍ ଆପଣମାନଙ୍କୁ ଭେଟିବା ପାଇଁ ସୁଦୂର ରାଜଧାନୀରୁ ହେଲିକପ୍ଟର ଯୋଗେ ଏଠାକୁ ଆସୁଛନ୍ତି... ।

ଲୋକମାନେ ଖୁବ୍ ଖୁସି ହୋଇ ଆକାଶକୁ ଚାହିଁଲେ - ହେଲିକପ୍ଟରଟିଏ ଦିଶିଯିବ ପରା ! ହେଲିକପ୍ଟର ଚଢୁଥିବା ଲୋକେ ଯେତେ ଦର୍ଶନୀୟ, ତାଠୁଁ ଅଧିକ ଦର୍ଶନୀୟ ହେଲା ହେଲିକପ୍ଟର ।

ହେଲେ ସେମାନଙ୍କୁ ନିରାଶ କରି ଟୋକାଟି କହିଲା,... ପ୍ରାର୍ଥୀ ଏଠାରୁ ଦଶ କିଲୋମିଟର ଦୂରରେ ହେଲିକପ୍ଟରରୁ ଅବତରଣ କରି ସାରିଲେଣି । ସେ ମଟରଗାଡ଼ିରେ ଏ ଗାଁମୁଣ୍ଡ ଯାଏଁ ପହଞ୍ଚି ସାରିଲେଣି ।

- ପହଞ୍ଚି ସାରିଲେଣି ? ତେବେ ସେ କାହାନ୍ତି ? ସମବେତ ଲୋକମାନଙ୍କ ଭିତରେ ଏକ ଗୁଂଜରଣ ସୃଷ୍ଟି ହୁଅନ୍ତେ ଟୋକାଟି କହିଲା, ଗାଁମୁଣ୍ଡରୁ ସେ ଚାଲି ଚାଲି ଆସୁଛନ୍ତି । କାହିଁକି ଚାଲୁଛନ୍ତି ଜାଣନ୍ତି ?

ଲୋକେ ପରସ୍ପରର ମୁହଁ ଚୁହାଁଚୁହିଁ ହେଲେ- ପ୍ରାର୍ଥୀ କାହିଁକି ଚାଲିକି ଆସୁଛନ୍ତି ? ଯିଏ ରାଜଧାନୀରୁ ହେଲିକପ୍ଟରରେ ଆସିଲେ, ହେଲିକପ୍ଟରରୁ ଓହ୍ଲେଇ ଗାଁ ମୁଣ୍ଡ ଯାଏଁ କାର୍‌ରେ ଆସିଲେ, ସେ ଫେର ଚାଲି ଚାଲି ଆସୁଛନ୍ତି କାହିଁକି ?

-ଆମ ପ୍ରାର୍ଥୀ ଅତ୍ୟନ୍ତ ମିତବ୍ୟୟୀ । ପରିବେଶ ପ୍ରତି ତାଙ୍କର ଭାରି ଦରଦ । ସେ ଆମକୁ କହିଲେ, ମୁଁ ପେଟ୍ରୋଲ୍ ବଞ୍ଚେଇବାକୁ ଚାହେଁ । ତେଣୁ ଚାଲି ଚାଲି ଯିବି । ତମେମାନେ ଗାଡ଼ି ନେଇ ଆଗେ ଆଗେ ଚାଲିଯାଅ ।

ସମବେତ ଲୋକେ ବାଃ, ବାଃ କଲେ । କରତାଳି ଦେଲେ ।

କରତାଳି ଓ ବାଃ... ବାଃ ଧ୍ୱନି, ଏବଂ ଆଉ ଏକ ରାଉଣ୍ଡ ଜିନ୍ଦାବାଦ୍ ନାରା ଭିତରେ ପ୍ରାର୍ଥୀ ଆସି ପହଞ୍ଚିଗଲେ । ସେ ଗତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରୁ ଲଢ଼ି ବିଜୟୀ ହୋଇଥିଲେ । ମନ୍ତ୍ରୀ ବି ହୋଇଥିଲେ । ତେବେ ମନ୍ତ୍ରୀ ହେବା ପରଠୁଁ ଆଉ ସେ ନିଜ ନିର୍ବାଚନମଣ୍ଡଳୀକୁ ଆସି ନଥିବାରୁ ଲୋକେ ତାଙ୍କ ମୁହଁ ପାସୋରି ଯାଇଥିଲେ । ତାଙ୍କୁ ପୁଣିଥରେ ସଶରୀରେ ଦେଖିବାରୁ ମନେ ପଡ଼ିଗଲା ।



ପ୍ରାର୍ଥୀ ଆସି ପହଞ୍ଚିବା ପରେ ପ୍ରଚାର ଗାଡ଼ିରେ ଆସିଥିବା ଟୋକାମାନଙ୍କ ଭିତରୁ ଜଣେ ଗାଡ଼ି ଭିତରୁ ଫୁଲମାଳଟିଏ ଆଣି ତାଙ୍କୁ ପିନ୍ଧାଇଦେଲା । ଗାଁଗହଳିରେ ଫୁଲମାଳ ମିଳିବ ନ ମିଳିବ, କେହି ପିନ୍ଧେଇବେ ନ ପିନ୍ଧେଇବେ ଭାବି ସେମାନେ ଆଗରୁ ତା'ର ବନ୍ଦୋବସ୍ତ କରି ରଖନ୍ତି । ମାଳ ନ ପିନ୍ଧିଲେ ଲୋକେ ତାଙ୍କୁ ପ୍ରାର୍ଥୀ ବୋଲି ଜାଣିବେ କେମିତି ଯେ !

ବେକରେ ମାଳ ଓହଳେଇ ପ୍ରାର୍ଥୀ ସମବେତ ଲୋକମାନଙ୍କ ଆଡ଼କୁ ନମସ୍କାର ଫିଙ୍ଗିଦେଇ ପ୍ରଶ୍ନ କଲେ, ଏ ବର୍ଷ ତମ ଅଞ୍ଚଳରେ ଭାରି ମରୁଡ଼ି ପଡ଼ିଥିଲା ବୋଲି ଖବରକାଗଜରେ ପଢୁଥିଲି । ତମମାନଙ୍କ ଉପରେ ତା'ର କିଛି ପ୍ରଭାବ ପଡ଼ିନି ତ ?

କେହି କିଛି ଉତ୍ତର ଦେବା ପୂର୍ବରୁ ସନାତନ ବୁଢ଼ା କହିଲା, ନାଇଁ ଆଜ୍ଞା, ଆମ ଉପରେ ଏ ବର୍ଷର ମରୁଡ଼ିର କିଛି ପ୍ରଭାବ ପଡ଼ିନି । ଆମେ ତ ଚିରଦିନ ଭୋକିଲା, କେବେ ପେଟପୂରା ଖାଇବାକୁ ପାଇଛୁ ଯେ, ଏ ବର୍ଷ ଫସଲ ଉଜୁଡ଼ିଗଲା ବୋଲି ଦୁଃଖ କରିବୁ ?

ପ୍ରାର୍ଥୀ କହିଲେ- ହୁଁ ।

ସନାତନ ବୁଢ଼ା କହିଲା, ହେଲେ ସାର୍, ଆମର ଏ ଅଞ୍ଚଳରେ ଗୋଟିଏ ବୋଲି ସ୍କୁଲ ନାହିଁ । ଗୋଟେ ସ୍କୁଲ କରି ଦିଅନ୍ତେନି !

ପ୍ରାର୍ଥୀ ଜବାବ ଦେଲେ, ଆଚ୍ଛା କଥା ! ଏଠି ତ କେହି ପାଠଶାଠ ପଢ଼ିନାହାନ୍ତି । ସମସ୍ତେ ନିରକ୍ଷର । ସ୍କୁଲ ନେଇ କରିବ କ'ଣ ?

ସମବେତ ଲୋକମାନଙ୍କ ଭିତରୁ ଅନେକେ କହିଲେ, ଠିକ୍ କଥା । ସ୍କୁଲ ନେଇ ଆମେ କରିବୁ କ'ଣ ?

ସନାତନ ବୁଢ଼ାଟା ଭାରି ଏକବାଗିଆ ଆଉ କୁହାଳିଆ । ସେ ପ୍ରାର୍ଥୀଙ୍କୁ ଫେର ପ୍ରଶ୍ନ କଲା, ସାର୍ ଗତଥର ଆପଣ ଏଠିକି ଆସିଥିଲା ବେଳେ କହିଥିଲେ ଦାରିଦ୍ର୍ୟ ନା କ'ଣ- ତାକୁ ଦୂର କରିଦେବେ । ଗାଁରେ ଆଉ କେହି ଗରିବ ରହିବେନି । ସେ ଭୋଟ ଯାଇ, ଆଉ ଥରେ ଭୋଟ ଆସିଲାଣି- ଆମେ ଯେଉଁ ଗରିବକୁ ସେଇ ଗରିବ ।

ପ୍ରାର୍ଥୀ ଗଳା ଖଙ୍କାରିଲେ । ମାଇକ୍ରୋଫୋନ୍‌ର ବେକଟିକୁ ଚିପିଧରି ଗମ୍ଭୀର ଗଳାରେ କହିଲେ, ମୋ ପ୍ରତିଶ୍ରୁତି ମୁଁ ଠିକ୍ ପାଳନ କରିଛି । ମୁଁ ପ୍ରତିଶ୍ରୁତି ଦେଇଥିଲି, ନିର୍ବାଚିତ ହେଲେ ବିଷୟଟିକୁ ଦେଖିବି । ଦେଖିଛି । ବିଭିନ୍ନ ଦେଶରେ କେମିତି ଦାରିଦ୍ର୍ୟ ଦୂର କରାଯାଇଛି ସରଜମିନ ଦେଖିବା ପାଇଁ ମୁଁ ଆମେରିକା, ଇଂଲଣ୍ଡ, ସ୍ୱିଜରଲ୍ୟାଣ୍ଡ, ନରୱେ, ହନୁଲୁଲୁ ଆଦି ବହୁ ଦେଶ ଯାଇଛି । ମୋ ଦେଖା ସରିନି । ବିଷୟଟିକୁ ଆହୁରି ତନ୍ନତନ୍ନ କରି ଦେଖିବାକୁ ପଡ଼ିବ । ସ୍ୱାଧୀନତା ପରଠୁଁ ପଚାଶବର୍ଷ ଧରି ଦେଶ ଦାରିଦ୍ର୍ୟରେ ଭୋଗୁଛି । ରୋଗ ବହୁତ ଗଭୀରକୁ ଚାଲିଗଲାଣି । ତାକୁ ସମୂଳେ ଉତ୍ପାଟନ କରିବା କ'ଣ କମ୍ କଷ୍ଟ ? ମୋତେ ଆପଣମାନେ ଏଥର ବି ନିର୍ବାଚିତ କରନ୍ତୁ- ଦାରିଦ୍ର୍ୟର କାରଣ ଖୋଜିବାର ଯେଉଁ କାମ ମୁଁ ଆରମ୍ଭ କରିଛି, ଗତ କେଇବର୍ଷ ଧରି ବହୁ ଶ୍ରମ ଓ ସମୟ ଦେଇ କରିଆସୁଛି ତାକୁ ମୁଁ ଜାରି ରଖିବି । କାରଣଟା ମିଳିଗଲା ପରେ ଦାରିଦ୍ର୍ୟକୁ ଦୂର କରିବାକୁ ବେଶୀ ସମୟ ଲାଗିବନି । ଆଉ ଥରେ ଦାରିଦ୍ର୍ୟ ଦୂର ହୋଇଗଲେ ଆପଣମାନେ ଘିଅମହୁରେ ଭାସିବେ ।

ଘିଅମହୁରେ ଭାସିବା କଥା ଶୁଣି ଲୋକମାନେ ତାଳି ଖୁସିରେ ତାଳି ମାରିଉଠିଲେ । ବନ୍ୟାରେ ସେମାନେ ଫି' ବର୍ଷ ଭାସନ୍ତି । ଘିଅମହୁରେ ଭାସିଲେ କେମିତି ଲାଗିବ- ଏ ଚିନ୍ତାଟା ଇ ସେମାନଙ୍କୁ ପୁଲକିତ କରି ତୋଳୁଥିଲା ।

କରତାଳି ବାଜିଲା ତ ପ୍ରାର୍ଥୀ ନିଜ ଭାଷଣକୁ ସଂକ୍ଷିପ୍ତ କରି ଆଣିଲେ, ... ଆଚ୍ଛା ତ ଭାଇମାନେ, ଭଉଣୀମାନେ, ମା, ମାଉସୀମାନେ ମୁଁ ଯାଉଛି । ମୋତେ ଆହୁରି ବହୁ ଜାଗା ଯିବାର ଅଛି, ମହୁ... ନା ନା ବହୁ ମିଟିଂରେ ଭାଷଣ ଦେବାର ଅଛି- ହେଲିକପ୍ଟରଟା ଦିନକ ପାଇଁ ଭଡ଼ା ନେଇଛି ତ ଯେତେ ଜାଗା ଯାଇ ହେଉଛି- ଚାଲିଯିବା । ହେଲେ ମନେ ରଖିବେ ଦାରିଦ୍ର୍ୟ ଦୂର କରିବା କାମ ମୁଁ ଆରମ୍ଭ କରିସାରିଛି, ମୋତେ ଭୋଟ ଦେଲେ କାମ ଶୀଘ୍ର ସରିବ । ଆଉ କାହାକୁ ଭୋଟ ଦେଲେ ସେ 'ଦାସେ ଆଇଲେ ମୂଳରୁ ଗା' ନ୍ୟାୟରେ ପୁଣି ମୂଳରୁ କାମ ଆରମ୍ଭ କରିବ । ତେଣୁ ସାଧୁ ସାବଧାନ । ଜୟ ହିନ୍ଦ୍ ।

ପ୍ରାର୍ଥୀ ଚାଲିଗଲେ । ଏଥର ପ୍ରଚାର ଗାଡ଼ିରେ ବସି ଗଲେ ।

ସନାତନ ବୁଢ଼ାର ବୁଢ଼ୀ କହିଲା, ଦେଖିଲ ଆମ ଦେଶ କେତେ ଉନ୍ନତି କରିଛି । ଆଗରୁ ଲୋକେ ବଳଦଗାଡ଼ିରେ, ସାଇକଲରେ ଚଢ଼ି ପ୍ରଚାର କରିବାକୁ ଆସୁଥିଲେ । ପରେ ମଟରରେ ଆସିଲେ । ଏବେ ହେଲିକପ୍ଟର, ଉଡ଼ାଜାହାଜରେ ଆସିଲେଣି ।

ସନାତନ ବୁଢ଼ା କହିଲା, ହୁଁ । ମୋର ଟାଇମ ହୋଇଗଲାଣି । ଅଫିମ ଟେଳାଟା ଆଣିଲୁ !

ସଞ୍ଚାରମାର୍ଗ, ଢେଙ୍କାନାଳ

> ଘିଅମହୁରେ ଭାସିବା କଥା ଶୁଣି ଲୋକମାନେ ଖୁସିରେ ତାଳି ମାରିଉଠିଲେ । ବନ୍ୟାରେ ସେମାନେ ଫି' ବର୍ଷ ଭାସନ୍ତି । ଘିଅମହୁରେ ଭାସିଲେ କେମିତି ଲାଗିବ- ଏ ଚିନ୍ତାଟା ଇ ସେମାନଙ୍କୁ ପୁଲକିତ କରି ତୋଳୁଥିଲା । କରତାଳି ବାଜିଲା ତ ପ୍ରାର୍ଥୀ ନିଜ ଭାଷଣକୁ ସଂକ୍ଷିପ୍ତ କରି ଆଣିଲେ, ... ଆଚ୍ଛା ତ ଭାଇମାନେ, ଭଉଣୀମାନେ, ମା, ମାଉସୀମାନେ ମୁଁ ଯାଉଛି ।